# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st July – 2026

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ ପି.ଏମ୍. କିଷାନ ସମ୍ମାନନିଧି ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି କରିବାପାଇଁ ନିଷ୍ପତ୍ତି ।

— ଖେଲୋ ଇଣ୍ଡିଆ ଯୋଜନାକୁ ସୁଦୃଢ଼ କରିବାଲାଗି ୩୬ ହଜାର କୋଟି ଟଙ୍କା ମଞ୍ଜୁର ।

- ଆକାଶମାର୍ଗରୁ ଆସନ୍ତାକାଲି ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ ।

— ବନ୍ୟାଦ୍ୱାରା ରାଜ୍ୟର ୧୫ଟି ଜିଲ୍ଲାର ୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ନକ୍ସଲମୁକ୍ତ ଓଡ଼ିଶା, ଦ୍ରୁତ ଶିଳ୍ପାୟନ ଓ ସମବାୟର ବିକାଶ ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଭୁବନେଶ୍ୱରରେ ଆସନ୍ତା ୫ ତାରିଖରୁ ଆରମ୍ଭ ହେବ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାରେ ଶିକ୍ଷାଗୋଷ୍ଠୀ ବୈଠକ ।

***Desk***

# କେନ୍ଦ୍ର କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜାରି ରଖିବାପାଇଁ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ୫ ବର୍ଷ ଅବଧି ମଧ୍ୟରେ ଯୋଜନା କାର୍ଯ୍ୟକାରୀ କରିବା ଲାଗି ସମୁଦାୟ ୩ ଲକ୍ଷ ୧୫ ହଜାର କୋଟି ଟଙ୍କା ଅନୁମୋଦନ କରାଯାଇଛି । କୃଷକମାନଙ୍କ ସମୃଦ୍ଧି ଦେଶର ସମୃଦ୍ଧିର ମୂଳଦୁଆ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav)*** :.......

ଏହି ଯୋଜନା ମାଧ୍ୟମରେ ଚାଷୀମାନଙ୍କ ଏପର୍ଯ୍ୟନ୍ତ ୪ ଲକ୍ଷ ୪୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ।

କ୍ୟାବିନେଟ୍‌ରେ ଜାତୀୟ ଉପକୂଳ ଅନୁସନ୍ଧାନ ଯୋଜନା 'ସମୁଦ୍ର ମନ୍ଥନ'କୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମଞ୍ଜୁରି ମିଳିଛି । ଏଥିପାଇଁ ୮୪ ହଜାର ୮୪ କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିରେ ଗଭୀର ସମୁଦ୍ର ମଧ୍ୟରେ ମହଜୁଦ ତୈଳ ଓ ଗ୍ୟାସର ସନ୍ଧାନ କରାଯିବ ।

କ୍ୟାବିନେଟ୍‌ରେ ଖେଲୋ ଇଣ୍ଡିଆ ଯେଜାନାକୁ ସୁଦୃଢ଼ କରିବାପାଇଁ ୩୬ ହଜାର ୪୪୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

***Voice (Baishnav)*** :.......

ବୈଠକରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସୌରଘର ଯୋଜନାକୁ ମଧ୍ୟ ଅନୁମୋଦନ ମିଳିଛି । ଏଥିପାଇଁ ୫ ହଜାର ୭୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ମାଧ୍ୟମରେ ଅତିକମ୍‌ରେ ୧୦ ହଜାର MWH ଷ୍ଟୋରେଜ୍ କ୍ଷମତାବିଶଷ୍ଟ ଷ୍ଟୋରେଜ୍ ସିଷ୍ଟମ୍ ସହ ୫ ହଜାର ମେଗାୱାଟ୍ ଭାସମାନ ସୌର ଟି.ଭି. ଯୋଜନା ବିକଶିତ କରକାଯିବ ।

***Desk***

# ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ଆଜି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ସାକ୍ଷାତ୍ କରିଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ବିଭିନ୍ନ ବିକାଶମୂଳକ ପଦକ୍ଷେପ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଶ୍ରୀ ମାଝୀ ଆଲୋଚନା କରିଛନ୍ତି । ନକ୍ସଲ ଦମନରେ ସଫଳତା, ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ବିକାଶପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ନକ୍ସଲମୁକ୍ତ ଅଞ୍ଚଳର ବିକାଶପାଇଁ ରାଜ୍ୟ ସରକାର ଗ୍ରାମୋଦୟ ଯୋଜନା ମାଧ୍ୟମରେ ସମସ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଶ୍ରୀ ଶାହା ରାଜ୍ୟର ବିକାଶପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଲୋଚନା ସମୟରେ ଆଶ୍ୱାସନା ଦେଇଛନ୍ତି ।

ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ରେଳ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ନୂତନ ରେଳ ଲାଇନ୍ ପ୍ରକଳ୍ପର କାର୍ଯ୍ୟକାରିତା ଓ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ନେଇ ଆଲୋଚନା କରିଛନ୍ତି।

***BBSR/R, Cuttack, Kendrapara, Sambalpur/R***

## ବନ୍ୟା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ । ମୁଖ୍ୟମନ୍ତ୍ରୀ ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଅଞ୍ଚଳର ସ୍ଥିତି ସମୀକ୍ଷା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ରହିବେ । ଶ୍ରୀ ପୂଜାରୀ କହିଛନ୍ତି, ରାଜ୍ୟରେ ବନ୍ୟା ଯୋଗୁଁ ୧୫ଟି ଜିଲ୍ଲାର ୫୭ଟି ବ୍ଲକ୍‌ର ୪୪୬ ପଂଚାୟତ, ୧ ହଜାର ୩୬୨ ଗ୍ରାମ ଓ ୧୧ଟି ପୌରାଞ୍ଚଳ ପ୍ରଭାବିତ ହୋଇଛି । ଭୁବନେଶ୍ୱରରେ ବନ୍ୟାସ୍ଥିତି ସମ୍ପର୍କରେ ସମୀକ୍ଷା କରି ଶ୍ରୀ ପୂଜାରୀ କହିଛନ୍ତି, ମୋଟ ୭ ଲକ୍ଷ ୯୧ ହଜାର ୮୪୬ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଜଳବନ୍ଦୀ ଅବସ୍ଥାରେ ୨ ଲକ୍ଷ ୬୮ ହଜାର ୯୪୩ ଜଣ ରହିଥିବାବେଳେ ୨୧ ହଜାର ୩୮୦ ହେକ୍ଟର ଚାଷଜମୀ କ୍ଷତିଗ୍ରସ୍ତ ଓ ୭୦୦ ଘର ଭାଙ୍ଗିଥିବା ଜଣାପଡିଛି। ୬୪୭ଟି ଆଶ୍ରୟସ୍ଥଳିରେ ପ୍ରଭାବିତ

ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି।  ମହାନଦୀକୁ ଛାଡିଦେଲେ ବାକି ସମସ୍ତ ନଦୀରେ ବିପଦସଂକେତ ତଳେ ଜଳ ପ୍ରବାହିତ ହେଉଛି। ବନ୍ୟା ଜଳ କମିବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ତ୍ୱରିତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

***Voice (Pujari)*** :......

କଟକ ଜିଲ୍ଲାରେ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର, ସ୍ଥାନାନ୍ତରଣ ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଛି । ଜିଲ୍ଲାର ୨ଟି ବ୍ଲକ୍‌ର ୧୨ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି । ଏପର୍ଯ୍ୟନ୍ତ ୮୫୧ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ୮ଟି ବ୍ଲକ୍ ବନ୍ୟାଦ୍ୱାରା ପ୍ରଭାବିତ ହୋଇଛି । ଜିଲ୍ଲାର ମୋଟ୍ ୫୭ଟି ଗ୍ରାମପଞ୍ଚାୟତ ଅଧୀନ ୧୩୫ଟି ଗ୍ରାମର ୫୭ ହଜାରରୁ ଊର୍ଦ୍ଧ୍ୱ ଲୋକ ବନ୍ୟାଦ୍ୱାରା ପ୍ରଭାବିତ ହୋଇଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଆସନ୍ତାକାଲିଠାରୁ ବର୍ଷାର ପରିମାଣ ଆହୁରି ହ୍ରାସ ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୨୫ ଦଶମିକ ୧/୫ ଫୁଟ ରହିଛି । ଜଳଭଣ୍ଡାରର ୨୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି ।

***Desk***

## ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ବୈଠକ

ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷାକ୍ଷେତ୍ର ବୈଠକମାଳା ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବୈଠକର ସୁପରିଚାଳନା ଓ ସଫଳ ଆୟୋଜନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୮ ଜଣ ଶିକ୍ଷାମନ୍ତ୍ରୀଙ୍କ ସହ ୪୦ ଜଣ ବରିଷ୍ଠ ପଦାଧିକାରୀଙ୍କ ସମେତ ୨ ଶହରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ । ଅଗଷ୍ଟ ୫ ତାରିଖରେ ବ୍ରିକ୍ସ ଶିକ୍ଷା ବରିଷ୍ଠ ଅଧିକାରୀଙ୍କ ତୃତୀୟ ବୈଠକ ଅନୁଷ୍ଠିତ ହେବ । ୬ ତାରିଖରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷାମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନେ ଆଲୋଚନା କରିବେ । ସେହିପରି ୭ ତାରିଖରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ୧୩ତମ ବୈଠକ ଅନୁଷ୍ଠିତ ହେବ । ଜନକୈନ୍ଦ୍ରିକ ଏବଂ ମାନବକଲ୍ୟାଣକୁ ପ୍ରାଥମିକତାକୁ ଆଧାର କରି ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମୁକାବିଲାପାଇଁ ନବସୃଜନ, ପାରସ୍ପରିକ ସହଯୋଗ ଓ ସ୍ଥାୟୀ ବିକାଶକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି ।

***IPR***

# ରାଷ୍ଟ୍ରପତି ଗସ୍ତ - ପ୍ରସ୍ତୁତି ବୈଠକ

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତକୁ ନେଇ ପ୍ରସ୍ତୁତି ସମ୍ପର୍କରେ ଆଜି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର କୁରାନିଆ ସମୀକ୍ଷା କରିଛନ୍ତି । ବୈଠକରେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ରାଷ୍ଟ୍ରପତି ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବେ । ୪ ତାରିଖ ପୂର୍ବାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱର ରେଲଷ୍ଟେସନଠାରେ ବ୍ରହ୍ମପୁର ଅଭିମୁଖେ ଟ୍ରେନ୍ ଯୋଗେ ଯାତ୍ରା କରିବେ ।

***HS***

# ଚିଲିକା

ଚିଲିକା ଅଞ୍ଚଳର ବ୍ୟାପକ ପର୍ଯ୍ୟଟନର ବିକାଶ ସମ୍ପର୍କରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭୁବନେଶ୍ୱରଠାରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଚିଲିକାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ଭାବେ ଗଢ଼ି ତୋଳିବା ଦିଗରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି ।

***IPR***

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ଅଧୀନସ୍ଥ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନଠାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷାର୍ଥୀମାନଙ୍କୁ କର୍ମକ୍ଷେତ୍ରରେ ଆଇନ ଶୃଙ୍ଖଳା, ସଠିକ୍ ହିସାବ ଏବଂ ପରିଚାଳନା ତଥା ପେନ୍ସନ ସେବା ସଂକ୍ରାନ୍ତରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

***Malkangiri/R***

# ଗଣଶିକ୍ଷା ସଚିବ

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏନ୍. ତିରୁମାଲା ନାୟକ ମାଲକାନଗିରି ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି । ଗସ୍ତର ପ୍ରଥମ ଦିନରେ ଆଜି ଜିଲ୍ଲାର ଶିକ୍ଷା ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଆସନ୍ତାକାଲି ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

***Desk***

# ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ

ପେଟ୍ରୋଲରେ ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ଦେଶର ଖାଦ୍ୟସୁରକ୍ଷା କ୍ଷେତ୍ରରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଇଥାନଲ ପ୍ରସ୍ତୁତି କ୍ଷେତ୍ରରେ ଭାରତୀୟ ଖାଦ୍ୟ ନିଗମର ଚାଉଳ ବ୍ୟବହାର ହେଉଥିବା ନେଇ ଅଭିଯୋଗର ଉତ୍ତରରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ସରକାର ଖାଦ୍ୟ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦେଉଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥାରେ କ୍ରୟ କରାଯାଉଥିବା ପ୍ରତ୍ୟେକ ଶସ୍ୟକୁ ପ୍ରଥମେ ସାଧାରଣ ଆବଣ୍ଟନ ବ୍ୟବସ୍ଥା ପାଇଁ ମହଜୁଦ ରଖାଯାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

***Desk***

# ଖୋଲିବ ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲି  ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନେଇ ରାଜନଗର ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ପରିବେଶ ଅନୁକୂଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରାଯାଇଛି।

***Deogarh/R***

# ଡେଙ୍ଗୁ - ଟାସ୍କଫୋର୍ସ ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମ୍ୟାଲେରିଆ ଓ ଡେଙ୍ଗୁ-୨୦୨୬ ଉପରେ ଜିଲ୍ଲା ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ମ୍ୟାଲେରିଆ ଓ ଡେଙ୍ଗୁ ଚିହ୍ନଟ ଏବଂ ନିରାକରଣ ସତର୍କତା ଓ ସଚେତନତା ଉପରେ ଆଲୋଚନା କରିଥିଲେ ।

ଅନ୍ୟପକ୍ଷରେ ଜାତୀୟ କୃମିନାଶକ ଦିବସ ପାଳନ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୦ ତାରିଖରେ ଏହି ଦିବସ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ।

******